ଜିଲ୍ଲା ପରିଷଦ,ଦେବଗଡ଼

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ

ଓଡ଼ିଶା ସରକାର

Zilla Parishad, Deogarh

Panchyati Raj & Drinking Water Department

Govt. of Odisha

**BY FAX/E-mail**

ପୁରୁଣାଗଡ଼, ଦେବଗଡ଼ - ୭୬୮୧୧୯

ଦୂରଭାଷ: ୦୬୬୪୧ - ୨୨୬୩୩୦

**Purunagarh, Deogarh-768119**

**Phone-06641 - 226330**

**E-mail : ori-ddeogarh@nic.in**


## Notice

**No.** 199 **Date:** 17/01/2026

In pursuance of **Clause 7.2**of the modified operational guidelines for the **"Bikashita Gaon Bikashita Odisha"** scheme vide resolution no. 799/PR&DW, dtd: 07/01/2026, project proposals are invited from the PRI members, elected representatives, and civil society members for need based projects. All such project proposals addressed to the Collector, Deogarh shall be submitted within 07 (seven) days from the publication of this notice.

**Collector-cum-CEO** 16/01/26

**Zilla Parishad, Deogarh**

**Memo No.** 200 **Date:** 17/01/2026

Copy to the District Informatics Officer, N.I.C, Deogarh for publication of this notice in the District Web Portal.

**Collector-cum-CEO** 16/01/26

**Zilla Parishad, Deogarh**

**Memo No.** 201 **Date:** 17/01/2026

Copy the Deputy Collector (G&M), Collectorate, Deogarh for publication of this notice in the office notice board of Collectorate, Deogarh.

**Collector-cum-CEO** 16/01/26

**Zilla Parishad, Deogarh**

**Memo No.** 202 **Date:** 17/01/2026

Copy to DPO, Deogarh/ All BDOs, Deogarh / All PEOs, Deogarh for publication of this notice in their respective office notice board.

**Collector-cum-CEO** 16/01/26

**Zilla Parishad, Deogarh**

ଓଡ଼ିଶା ସରକାର
ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ
**Government of Odisha**
**Panchayati Raj & D.W Department**

ଓଡ଼ିଶା ଲୋକସେବା ଭବନ
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧
Odisha Lok Seva Bhawan,
Sachibalaya Marg,
Bhubaneswar – 751001
Fax.0674 – 2391413
E-mail-prsec.or@nic.in

**No:** 799 **/PR&DW** **Dated:** 07/01/2026
PTS-PR-SFC-SCHEME-0006-2024

## RESOLUTION

**Subject: Modification to the Guidelines for "Bikashita Gaon Bikashita Odisha" Scheme.**

To promote active citizens participation, simplify project selection and to ensure construction of long-term assets for community, the resolution to operational guidelines of the "Bikashita Gaon Bikashita Odisha" scheme issued vide No. 2291/PR&DW, dated 28.01.2025 is hereby modified as follows:

**(A) Substitution of Para 7 (Selection of Projects) with the following.**

A participatory process, involving Gram Sabhas, will ensure that projects address real community needs.

7.1- A need based project list as per the financial allotment for concerned financial year shall be prepared by the Gram Sabha. The Nodal officer of the block attending the Gram Sabha shall forward the project list immediately to the Collector.

7.2- Every year, the Collector shall seek proposals also from PRI members, elected representatives and civil society members by publishing a notice in the notice board of the Collectorate, Zilla Parishad, Block, GPs and in the District web portal. All such projects addressed to the Collector shall be submitted within 07 days of publication of notice.

**(B) Substitution of Para 8 (Approving Authority) with the following.**

8.1- There will be a District Level Committee under the chairmanship of the Collector-cum- Chief Executive Officer. Chief Development Officer-cum-Executive Officer, Zilla Parishad of the concerned District will act as Member-Convener with Additional District Magistrate (General), SE/EE of the Rural Development Department and APD, Technical Zilla Parishad as the members.

8.2- The District Level Committee; after receipt of the project list from the Gram Sabha and considering all the proposals received as per Para 7.2 will scrutinize the admissibility and feasibility of the projects and finalize the projects as per local need & priority keeping in view of the financial allocation for the financial year.

8.3- List of the finalized projects will be approved by the Collector of the concerned District.

8.4- Administrative approval and Technical sanction shall be accorded as per Panchayat Samiti Accounting Procedure Rules, 2002 and subsequent amendments made therein from time to time.

**(C) Insertion of a new Para 11-A (Defect Liabilities)**

11.A- For all projects with an estimated cost exceeding Rs.10.00 lakh, a Defect Liability Period (DLP) of 03 (three) years shall be applicable from the date of completion and handing over the projects. During this period, the executants shall be solely responsible for the proper upkeep and maintenance of the works at his own cost, ensuring that any defects, damages, or deficiencies arising from workmanship, materials or design are promptly rectified, without imposition of any additional financial implication to the client or authority.

**(D)** **Resolution (Addendum) No. 6765 dated 11.03.2025 and Corrigendum No. 8142 dated 25.03.2025 thereto are hereby withdrawn.**

**The above modifications to the "Bikashita Gaon Bikashita Odisha" Scheme guidelines shall come into effect from the date of publication of this resolution.**

**By Order of the Governor,**

**Commissioner-cum-Secretary to Govt.**

ଓଡିଶା ସରକାର
ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ
Government of Odisha
Panchayati Raj & D.W Department

ଓଡିଶା ଲୋକସେବା ଭବନ
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧
Odisha Lok Seva Bhawan,
Sachibalaya Marg,
Bhubaneswar – 751001
Fax.0674 – 2391413
E-mail-prsec.or@nic.in

ସଂଖ୍ୟା : ୬୮୮ /PR & DW
PTS-PR-SFC-SCHEME-0006-2024

ତା. ୦୩/01/୨୦୨୬ ରିଖ

# ସଂକଳ୍ପପତ୍ର

ବିଷୟ: "ବିକଶିତ ଗାଁ ବିକଶିତ ଓଡ଼ିଶା" ଯୋଜନା ପାଇଁ ନିର୍ଦ୍ଦେଶାବଳୀରେ ସଂଶୋଧନ ।

ସକ୍ରିୟ ନାଗରିକ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା, ପ୍ରକଳ୍ପ ଚୟନ ପ୍ରକ୍ରିୟାର ସରଳୀକରଣ, ଦୀର୍ଘକାଳୀନ ଗୋଷ୍ଠୀ ସମ୍ପଦର ନିର୍ମାଣ ତଥା ଗୁଣବତ୍ତା ସୁନିଶ୍ଚିତ କରିବା ନିମନ୍ତେ " ବିକଶିତ ଗାଁ ବିକଶିତ ଓଡ଼ିଶା" ଯୋଜନାର ପ୍ରଚଳିତ ନିର୍ଦ୍ଦେଶାବଳୀ (ସଂକଳ୍ପ ସଂଖ୍ୟା ୨୨୯୧/ପଞ୍ଚାୟତିରାଜ ଓ ପାନୀୟ ଜଳ ତା. ୨୮.୦୧.୨୦୨୫ ରିଖ ) ନିମ୍ନଲିଖିତ ଭାବରେ ସଂଶୋଧନ କରାଯାଉଛି।

(କ) ଅନୁଚ୍ଛେଦ ୭ (ପ୍ରକଳ୍ପ ଚୟନ) ନିମ୍ନମତେ ପ୍ରତିସ୍ଥାପନ କରାଗଲା ।

ଗ୍ରାମସଭା ସହିତ ସମସ୍ତଙ୍କ ସହଭାଗିତାରେ ସର୍ବସାଧାରଣଙ୍କ ପ୍ରକୃତ ଆବଶ୍ୟକତାଗୁଡ଼ିକୁ ପୂରଣ କରିପାରୁଥିବା ପ୍ରକଳ୍ପଗୁଡ଼ିକର ଚୟନ କରାଯିବ ।

୭.୧- ସମ୍ପୃକ୍ତ ଆର୍ଥିକ ବର୍ଷ ପାଇଁ ଆର୍ଥିକ ଆବଣ୍ଟନ ଅନୁଯାୟୀ ଏକ ଆବଶ୍ୟକତା ଆଧାରିତ ପ୍ରକଳ୍ପ ତାଲିକା ଗ୍ରାମସଭା ଦ୍ୱାରା ପ୍ରସ୍ତୁତ କରାଯିବ । ଗ୍ରାମସଭାରେ ଯୋଗ ଦେଇଥିବା ବ୍ଲକର ନୋଡାଲ ଅଧିକାରୀ ପ୍ରକଳ୍ପ ତାଲିକାକୁ ତୁରନ୍ତ ଜିଲ୍ଲାପାଳଙ୍କ ନିକଟକୁ ପ୍ରେରଣ କରିବେ ।

୭.୨- ସମ୍ପୃକ୍ତ ଜିଲ୍ଲାପାଳ ପ୍ରତିବର୍ଷ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ , ଜିଲ୍ଲା ପରିଷଦ, ବ୍ଲକ, ଗ୍ରାମପଞ୍ଚାୟତର ନୋଟିସ୍ ବୋର୍ଡ ଏବଂ ଜିଲ୍ଲା ୱେବପୋର୍ଟାଲରେ ଏକ ନୋଟିସ୍ ପ୍ରକାଶ କରି ପି.ଆର୍.ଆଇ. ସଦସ୍ୟ, ନିର୍ବାଚିତ ପ୍ରତିନିଧି ଏବଂ ନାଗରିକ ସମାଜ ସଦସ୍ୟଙ୍କଠାରୁ ଆବଶ୍ୟକୀୟ ପ୍ରକଳ୍ପ ପ୍ରସ୍ତାବ ଆମନ୍ତ୍ରଣ କରିବେ । ଏହି ସମସ୍ତ ପ୍ରକଳ୍ପଗୁଡ଼ିକ ଜିଲ୍ଲାପାଳଙ୍କୁ ସମ୍ବୋଧିତ କରାଯାଇ ନୋଟିସ୍ ପ୍ରକାଶନର ୦୭ ଦିନ ମଧ୍ୟରେ ଦାଖଲ କରାଯିବ ।

(ଖ) ଅନୁଚ୍ଛେଦ ୮ (ଅନୁମୋଦନକାରୀ କର୍ତ୍ତୃପକ୍ଷ) ନିମ୍ନମତେ ପ୍ରତିସ୍ଥାପନ କରାଗଲା ।

୮.୧ – ଜିଲ୍ଲାପାଳ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦଙ୍କ ଅଧ୍ୟକ୍ଷତାରେ ଏକ ଜିଲ୍ଲା ସ୍ତରୀୟ କମିଟି ରହିବ। ସମ୍ପୃକ୍ତ ଜିଲ୍ଲାର ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-କାର୍ଯ୍ୟନିର୍ବାହୀ ଅଧିକାରୀ; ସଦସ୍ୟ-ସଂଯୋଜକ ଭାବରେ କାର୍ଯ୍ୟ କରିବେ। ଜିଲ୍ଲାର ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ (ସାଧାରଣ); ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ (ଏସ୍.ଇ)/ ନିର୍ବାହୀ ଯନ୍ତ୍ରୀ (ଇଇ) ଏବଂ ଜିଲ୍ଲା ପରିଷଦର ଏ.ପି.ଡି., ବୈଷୟିକ ସଦସ୍ୟ ଭାବରେ କାର୍ଯ୍ୟ କରିବେ।

୮.୨ - ଗ୍ରାମସଭାରୁ ପ୍ରକଳ୍ପ ତାଲିକା ପ୍ରାପ୍ତ ହେବା ପରେ ଏବଂ ପାରା ୭.୨ ଅନୁଯାୟୀ ପ୍ରାପ୍ତ ସମସ୍ତ ପ୍ରସ୍ତାବଗୁଡ଼ିକୁ ବିଚାର କରି ଜିଲ୍ଲା ସ୍ତରୀୟ କମିଟି ପ୍ରକଳ୍ପଗୁଡ଼ିକର ଗ୍ରହଣୀୟତା ଏବଂ ସମ୍ଭାବ୍ୟତା ଯାଞ୍ଚ କରିବ ଏବଂ ଆର୍ଥିକ ବର୍ଷର ଆର୍ଥିକ ଆବଣ୍ଟନକୁ ଦୃଷ୍ଟିରେ ରଖି ସ୍ଥାନୀୟ ଆବଶ୍ୟକତା ଏବଂ ପ୍ରାଥମିକତା ଅନୁଯାୟୀ ପ୍ରକଳ୍ପଗୁଡ଼ିକୁ ଚୂଡ଼ାନ୍ତ କରିବ।

୮.୩ - ଚୂଡ଼ାନ୍ତ ପ୍ରକଳ୍ପଗୁଡ଼ିକର ତାଲିକା ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳଙ୍କ ଦ୍ୱାରା ଅନୁମୋଦନ କରାଯିବ।

୮.୪ - ପଞ୍ଚାୟତ ସମିତି ହିସାବ ପ୍ରକ୍ରିୟା ନିୟମ, ୨୦୦୨ ଏବଂ ପରବର୍ତ୍ତୀ ସମୟରେ ସେଥିରେ କରାଯାଇଥିବା ସଂଶୋଧନ ଅନୁଯାୟୀ ପ୍ରଶାସନିକ ଅନୁମୋଦନ ଏବଂ ବୈଷୟିକ ମଞ୍ଜୁରୀ ପ୍ରଦାନ କରାଯିବ।

(ଗ) ଅନୁଚ୍ଛେଦ ୧୧-କ (ତ୍ରୁଟି ଦାୟିତ୍ୱ ଅବଧି) ଅନ୍ତର୍ଭୁକ୍ତ କରାଗଲା ।

୧୧-କ- ୧୦ ଲକ୍ଷ ଟଙ୍କାରୁ ଅଧିକ ଆନୁମାନିକ ମୂଲ୍ୟ ଥିବା ସମସ୍ତ ପ୍ରକଳ୍ପ ପାଇଁ, ପ୍ରକଳ୍ପଗୁଡ଼ିକ ସମାପ୍ତ ହେବା ଏବଂ ହସ୍ତାନ୍ତର ହେବା ତାରିଖରୁ ୦୩ (ତିନି) ବର୍ଷର ଏକ ତ୍ରୁଟି ଦାୟିତ୍ୱ ଅବଧି (Defect Liability Period) ପ୍ରଯୁଜ୍ୟ ହେବ। ଏହି ସମୟ ମଧ୍ୟରେ, କାର୍ଯ୍ୟ ନିର୍ବାହୀମାନେ ନିଜ ଖର୍ଚ୍ଚରେ କାର୍ଯ୍ୟର ଉପଯୁକ୍ତ ରକ୍ଷଣାବେକ୍ଷଣ ନିଶ୍ଚିତ କରିବେ ଏବଂ ରକ୍ଷଣାବେକ୍ଷଣ ପାଇଁ ସମ୍ପୂର୍ଣ୍ଣ ଭାବରେ ଦାୟୀ ରହିବେ । ଏଥି ସହିତ କାରିଗରୀ, ସାମଗ୍ରୀ କିମ୍ବା ଡିଜାଇନ୍ ରୁ ସୃଷ୍ଟି ହେଉଥିବା ଯେକୌଣସି କ୍ଷତି କିମ୍ବା ତ୍ରୁଟିକୁ କ୍ଲାଏଣ୍ଟ କିମ୍ବା କର୍ତ୍ତୃପକ୍ଷଙ୍କ ଉପରେ କୌଣସି ଅତିରିକ୍ତ ଆର୍ଥିକ ପ୍ରଭାବ ନ ପକାଇ ତୁରନ୍ତ ସଂଶୋଧନ କରିବା ସୁନିଶ୍ଚିତ କରାଇବେ ।

(ଘ) ଏତଦ୍ ଦ୍ୱାରା ସଂକଳ୍ପନାମା (ସଂଯୋଜକ) ସଂଖ୍ୟା . ୬୭୬୫ ତା ୧୧.୦୩.୨୦୨୫ ରିଖ ଏବଂ ଶୁଦ୍ଧିପତ୍ର ସଂଖ୍ୟା ୮୧୪୨ ତା. ୨୫.୦୩.୨୦୨୫ ରିଖ ପ୍ରତ୍ୟାହାର କରାଯାଉଅଛି।

"ବିକଶିତ ଗାଁ ବିକଶିତ ଓଡ଼ିଶା" ଯୋଜନା ନିର୍ଦ୍ଦେଶାବଳୀରେ ଉପରୋକ୍ତ ପରିବର୍ତ୍ତନ ସରକାରଙ୍କ ଦ୍ୱାରା ବିଜ୍ଞପ୍ତି ପ୍ରକାଶନ ତାରିଖରୁ କାର୍ଯ୍ୟକାରୀ ହେବ।

ରାଜ୍ୟପାଳଙ୍କ ଆଦେଶ କ୍ରମେ

(signature)

କମିଶନର ତଥା ଶାସନ ସଚିବ